# ଅଲ ଓଡିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ

AOUBEA

(AIUBEF ସହ, ଏବଂ AOBEF ମାଧମରେ BEFI ସହ, ଅନୁବନ୍ଧିତ), *ସ୍ଥାପିତ* - ୦୭-୦୮-୧୯୭୭

*ରେଜିଷ୍ଟ୍ରେସନ ନଂ.*- ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)

*କାର୍ଯ୍ୟାଳୟ* - ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, ଭୁବନେଶ୍ୱର – ୭୫୧ ୦୧୫

*e-mail :-* aoubea@gmail.com, ୱେବ ସାଇଟ୍ www.aoubea.org


*ପରିପତ୍ର ସଂଖ୍ୟା :-* ୦୨-୨୦୧୯ — ଭୁବନେଶ୍ୱର

***ପ୍ରାପ୍ତେଷୁ – ଶାଖା ପ୍ରତିନିଧି ଏବଂ ସମସ୍ତ ସଦସ୍ୟଗଣ,*** — ୦୨.୦୨.୨୦୧୯

**ଡି ମା ଟ ଏକାଉଣ୍ଟ ଖୋଲିବା ନାହିଁ / ସେୟାର କିଣିବା ନାହିଁ :** କମ୍ରେଡ,ବର୍ତ୍ତମାନ ବ୍ୟାଙ୍କ କର୍ତ୍ତୃପକ୍ଷ ଯେଉଁ ସେୟାର ଏମ୍ପ୍ଲୟିସ ମାନଙ୍କୁ ବିକ୍ରି ପାଇଁ ଯୋଜନା କରୁଛନ୍ତି ତାକୁ ଆମର ସର୍ବ ଭାରତୀୟ ସଂଗଠନ AIUBEF ଦୃଢ଼ ଭାବେ ବିରୋଧ କରୁଛି।କାରଣ ଏହି ସେୟାର ଇସୁ ପଛରେ ବ୍ୟାଙ୍କ କର୍ତ୍ତୃପକ୍ଷ ତଥା କେନ୍ଦ୍ର ସରକାରଙ୍କର ବ୍ୟାଙ୍କ କୁ ଘରୋଇକରଣ କରିବାର ସଡ଼ଯନ୍ତ୍ର ଲୁଚି ରହିଛି। ଆପଣ ମାନେ ଜାଣନ୍ତି ଯେ ୧୯୯୧ ମସିହାରୁ ନୂତନ ଅର୍ଥନୀତି ଓ ଘରୋଇକରଣ କୁ ବିରୋଧ କରି ଆମେ ଆଜି ପର୍ଯ୍ୟନ୍ତ ଜାତୀୟ କରଣ ବ୍ୟାଙ୍କର ସ୍ଥିତିକୁ ବଜାଇ ରଖିବା ପାଇଁ ଅନେକବାର ଆନ୍ଦୋଳନ କରିଛୁ।କିନ୍ତୁ ବର୍ତ୍ତମାନର କେନ୍ଦ୍ର ସରକାର ଯେଉଁ ଭଳି ଭାବେ ପୁଞ୍ଜିପତି ମାନଙ୍କୁ ପ୍ରତ୍ସାହନ ଦେଇ ବ୍ୟାଙ୍କ ମାନଙ୍କୁ ଘରୋଇ କରିବାର ଯୋଜନା କରୁଛନ୍ତି ତାର ପ୍ରଥମ ସୋପାନ ହେଲା ସେୟାର ବିକ୍ରି କରି ସରକାରୀ ଅଂଶଧନ କୁ କମାଇଦେବା । ବର୍ତ୍ତମାନ ଆମ ବ୍ୟାଙ୍କ ର କର୍ତ୍ତୃପକ୍ଷ ୮୦୦ କୋଟି ଟଙ୍କାର ସେୟାର ବିକ୍ରି ଜୋର ଜବରଦସ୍ତ କର୍ମଚାରୀ ମାନଙ୍କ ଉପରେ ଲଦି ଦେବା ପାଇଁ ଚକ୍ରାନ୍ତ କରିଛି। କାରଣ ସେମାନେ ଜାଣନ୍ତି ଯେ ବର୍ତ୍ତମାନ ସ୍ଥିତିରେ ବ୍ୟାଙ୍କ ମାନେ ଯଦି ପବ୍ଲିକ ସେୟାର ବିକ୍ରି କରନ୍ତି ତାହେଲେ ତାହା ସେୟାର ବଜାରରେ ବିକ୍ରି ହେବ ନାହିଁ। ତେଣୁ ସେମାନେ ଏହି ୮୦୦ କୋଟି ଟଙ୍କାର ସେୟାର କୁ କର୍ମଚାରୀ ମାନଙ୍କ ଉପରେ ଲଦି ଦେବାକୁ ଚେଷ୍ଟା କରିଛନ୍ତି। ତେଣୁ ସେୟାର କିଣିବା ପୂର୍ବରୁ ଡିମାଟ ଏକାଉଣ୍ଟ ଖୋଲିବା ପାଇଁ ପ୍ରତ୍ୟକ ଶାଖା ପରିଚାଳକ ମାନଙ୍କ ଦ୍ୱାରା କର୍ମଚାରୀ ମାନଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି। କମ୍ରେଡ଼,ଆମ ସଂଗଠନ ଆପଣ ମାନଙ୍କୁ ବିଭିନ୍ନ ମାଧ୍ୟମରେ ଏହି ଡିମାଟ ଏକାଉଣ୍ଟ ନଖୋଲିବ ପାଇଁ କହିଛି। ଆପଣ ମାନେ କୌଣସି ଚାପର ବଶବର୍ତ୍ତୀ ନହୋଇ ଶାଖା ପରିଚାଳକ ମାନଙ୍କୁ ଦୃଢ ବିରୋଧ କରନ୍ତୁ। ଯଦି କୌଣସି ଠାରେ ଶାଖା ପରିଚାଳକ ମାନେ ୟୁନିୟନ ପରିବାରରେ ଡିମାଟ ଏକାଉଣ୍ଟ ଅଛି ବୋଲି ହଁ କି ନାହିଁ YES/NO କରିବା ପାଇଁ କୁହନ୍ତି ତାହେଲେ ସେମାନଙ୍କୁ ଜଣାଇ ଦେବେ ଯେ ଏହା ଆମର ଚାକିରି ସର୍ତ୍ତାବଳୀ ପରିସରଭୁକ୍ତ ନୁହେଁ ତେଣୁ ଏଥିରେ କୌଣସି ବ୍ୟକ୍ତି ଆମକୁ ଜବରଦସ୍ତି କରିପାରିବେ ନାହିଁ।

ଏହି ପରିପେକ୍ଷୀରେ ଆମେ ଦୃଢ ନିଶ୍ଚିତ ଯେ ଆମ ରାଜ୍ୟରେ କୌଣସି ଜଣେ ହେଲେବି ସାଥି ଡିମାଟ ଏକାଉଣ୍ଟ ଖୋଲିବେ ନାହିଁ ଓ ସେୟାର କିଣିବେ ନାହିଁ।

**ବି ଏଫ ଆଇ ଅଲ ଇଣ୍ଡିଆ କନଫେରେନ୍ସ:-** ଗତ ଜାନୁଆରୀ ୨୮ ରୁ ୩୧ ତାରିଖ ପର୍ଯ୍ୟନ୍ତ କେରଳ ତିରୁବନ୍ତପୁରମ୍ ଠାରେ ସର୍ବ ଭାରତୀୟ ସଂଗଠନ BEFI ର ୧୦ ମ ରାଷ୍ଟ୍ରୀୟ ସମ୍ମିଳନୀ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ତିରୁବନ୍ତପୁରମ୍ କେରଳର ରାଜଧାନୀ ସହର ବେଫି ର ଲାଲ ଝଣ୍ଡାରେ ପୁରା ଲାଲ ହୋଇ ଦେଶର କୋଣ ଅନୁକୋଣରୁ ଆସୁଥିବା କମ୍ରେଡ଼ ମାନଙ୍କୁ ସ୍ୱାଗତ ଜଣାଉଥିଲା। ୨୮ ତାରିଖରେ ଅପରାହ୍ନ ୪ଟା ସମୟରେ ଦୀର୍ଘ ୩ କିଲୋମିଟର ସୁଦୃଶ୍ୟ ରାଲିରେ କମ୍ରେଡ଼ ମାନଙ୍କ ଯେଉଁ ଉତ୍ସାହ ଉଦ୍ଦୀପନା ତାହା ଆଖିରେ ନଦେଖିଲେ ବିଶ୍ୱାସ ହେବନି। କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଏହି ସମ୍ମିଳନୀର ଖୋଲା ଅଧିବେଶନକୁ ଉଦଘାଟନ କରିଥିଲେ।ସେ ତାଙ୍କ ଉଦ୍ଘାଟନୀ ଅଭିଭାଷଣରେ ସର୍ବଭାରତୀୟ ସ୍ତରରେ କିପରି ବ୍ୟାଙ୍କ କର୍ମଚାରୀ ମାନେ ଜାତୀୟକରଣର ଅସ୍ତିତ୍ୱ ବଞ୍ଚାଇବାକୁ ଲଢ଼େଇ କରୁଛନ୍ତି ଓ ସେ ଲଢ଼େଇକୁ ତାଙ୍କ ଦଳ ସମର୍ଥନ କରି ବହୁତ ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟିଆକର୍ଷଣ କରୁଛନ୍ତି ତାହା କହିଥିଲେ। କମ୍ରେଡ଼ ବୃନ୍ଦା କରାତ (ସି ପି ଏମ ର ସଦସ୍ୟ ) ଓମେନ୍ସ ସବକମିଟି ମିଟିଂରେ ସମଗ୍ର ବିଶ୍ୱରେ ନାରୀ ଜାତି ସମାଜ ରେ କିପରି ଅବହେଳିତ ଓ ନିଷ୍ପେସିତ ହୋଇ ବଞ୍ଚୁଛି ତାହା ଗୋଟି ଗୋଟି କରି ବର୍ଣ୍ଣନା କରିଥିଲେ। ଖୋଲା ଅଧିବେଶନରେ CITU ର ସର୍ବ ଭାରତୀୟ ସାଧାରଣ ସମ୍ପାଦକ ତପନ ସେନ୍ କହିଥିଲେ ଯେ ଟ୍ରେଡ଼ ୟୁନିୟନ ଉପରେ ସରକାରଙ୍କ ସଂଙ୍ଘୁଆସି ଆକ୍ରମଣର ପରିମାଣ କିପରି ବଢି ବଢି ଚାଲିଛି ଓ ଏବାବଦରେ CITU ର ପ୍ରୟାସ ଯେ ସମସ୍ତ ଟ୍ରେଡ଼ ୟୁନିୟନ୍ ଅଧିକାର ବଳବତ୍ତର ରହୁ ଓ ଅଧିକରୁ ଅଧକ ସୁବିଧା ସୁଯୋଗ କର୍ମଚାରୀ ମାନଙ୍କ ପାଇଁ ଉପଲବ୍ଧ ହେଉ। ଏହି ଅଧିବେଶନରେ ନେପାଳ,ବଙ୍ଗଳାଦେଶ ଓ ଶ୍ରୀଲଙ୍କା ରୁ ଆସି ଥିବା ପ୍ରତିନିଧି ମାନେ କହିଥିଲେ ଯେ ତାଙ୍କ ଦେଶ ଓ ସାରା ବିଶ୍ୱରେ ଶ୍ରମିକ ଶ୍ରେଣୀ କିପରି ନିଜ ଜୀବନ ଜୀବିକା ପାଇଁ ଲଢେଇ ଲଢୁଛି ଓ ପୁଞ୍ଜିପତି ମାନଙ୍କ ଦ୍ୱାରା ଶୋଷଣ ର ଶିକାର ହେଉଛନ୍ତି। ଏହାପରେ ଆରମ୍ଭ ହୋଇଥିଲା ପ୍ରତିନିଧି ସମାବେଶ । ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିନିଧିମାନେ ତାଙ୍କର ବକ୍ତବ୍ୟ ରେ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ଏବଂ ବର୍ତ୍ତମାନ ପରିସ୍ଥିରେ ସମସ୍ତ ଆର୍ଥିକ ସଂସ୍ଥାକୁ ସଂସ୍କାର ନାମରେ ଘରୋଇକରଣ କରିବାକୁ ସରକାରଙ୍କ ଚକ୍ରାନ୍ତ,ଶ୍ରମିକ ମାନଙ୍କ ଟ୍ରେଡ଼ ୟୁନିୟନ ଅଧିକାରକୁ ସମୂଳେ ନାଶ କରିବା ର ସରକାରଙ୍କ ପ୍ରୟାସକୁ ବିରୋଧ କରି ଅଲୋଚନ କରିଥିଲେ ଏବଂ ହେବାକୁ ଥିବା ଦ୍ୱିପାଖିକ ମଜୁରୀ ରାଜିନାମା କିପରି ସମସ୍ତ କର୍ମଚାରୀ ଙ୍କ ସ୍ୱାର୍ଥ ରକ୍ଷା କରିପାରିବ ସେ ଦିଗରେ ବି ଏଫ ଆଇ ର ଭୂମିକା ଉପରେ

ଆଲୋଚନା କରିଥିଲେ। ଏହି ସମ୍ମିଳନୀରେ ଆମ ଅଲ ଓଡିଶା ବ୍ୟାଙ୍କ ଏମ୍ପ୍ଲୟିସ ଫେଡରେସେନ ତରଫରୁ ମୋଟ ୪୪ ଜଣ ଯୋଗ ଦେଇଥିଲେ ସେଥି ମଧ୍ୟରୁ ୨୬ ଜଣ ପ୍ରତିନିଧି ଓ ୧୮ ଜଣ ପର୍ଯ୍ୟବେକ୍ଷକ ଥିଲେ। ଆମ ବ୍ୟାଙ୍କରୁ ୬ ଜଣ ସାଥି ପ୍ରଦୀପ ଷଡ଼ଙ୍ଗୀ,ସାଥି ଅଜୟ ମହାନ୍ତି, ସାଥି ଶ୍ରୀବତ୍ସ ସାହୁ , ସାଥି ସରୋଜ କୁମାର ନାୟକ ଏବଂ ଦୁଇ ଜଣ ମହିଳା ସାଥି ଶତାବ୍ଦୀ ସୁଭଦର୍ଶିନୀ ଓ ନିଶାତ୍ ଇକବାଲ ଯୋଗ ଦେଇ ଥିଲେ।ଏହି ସମାବେଶରେ ଆମ ବ୍ୟାଙ୍କ ତରଫରୁ ଯୋଗ ଦେଇଥିବା ଦୁଇଜଣ ମହିଳା ସାଥି ଓ ଆଲ୍ଲାହବାଦ ବ୍ୟାଙ୍କର ମହିଳା ସାଥି ଉର୍ମିଳା ତିର୍କୀ ଙ୍କ ଦ୍ୱାର ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଷିତ ସମ୍ବଲପୁରୀ ନୃତ୍ୟ ରସରକେଲି ସମସ୍ତ ଦର୍ଶକଙ୍କ ମନ ମୋହି ଥିଲା। ଏହି ସମ୍ମିଳନୀ ଶେଷରେ ନିମ୍ନୋକ୍ତ କମ୍ରେଡ଼ ମାନେ BEFI ର ସର୍ବ ଭାରତୀୟ କର୍ମକର୍ତ୍ତା ଭାବେ ନିର୍ବାଚିତ ହେଲେ।

| କ୍ର ନଂ | ପଦବୀ | ସାଥିଙ୍କ ନାମ | କେଉଁ ବ୍ୟାଙ୍କରୁ | କେଉଁ ରାଜ୍ୟରୁ |
|---|---|---|---|---|
| ୧ | ସଭାପତି | ସି ଜେ ନନ୍ଦକୁମାର | ୟୁନିୟନ ବ୍ୟାଙ୍କ | କେରଳ |
| ୨ | ଉପସଭାପତି | ପ୍ରଦୀପ ବିଶ୍ୱାସ | ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ | ପଶ୍ଚିମ ବଙ୍ଗ |
| ୩ | ଉପସଭାପତି | ଜୟଦେବ ଦଶଗୁପ୍ତା | ୟୁକୋ ବ୍ୟାଙ୍କ | ପଶ୍ଚିମ ବଙ୍ଗ |
| ୪ | ଉପସଭାପତି | ଦିନେଶ କାକତି | ୟୁକୋ ବ୍ୟାଙ୍କ | ଆସାମ |
| ୫ | ଉପସଭାପତି | ପି. ଭେଙ୍କଟ ରାମାୟା | ଆନ୍ଧ୍ର ବ୍ୟାଙ୍କ | ତେଲେଙ୍ଗାନା |
| ୬ | ଉପସଭାପତି | କେ. ଶ୍ରୀନିବାସ ବାବୁ | ସିଣ୍ଡିକେଟ ବ୍ୟାଙ୍କ | କର୍ଣ୍ଣାଟକ |
| ୭ | ଉପସଭାପତି | ଯେ ପି ଦିକ୍ଷିତ | ୟୁନିୟନ ବ୍ୟାଙ୍କ | ବିହାର |
| ୮ | ଉପସଭାପତି | ରୁପା ଖଲକୋ | ଇଣ୍ଡିଆନ ବ୍ୟାଙ୍କ | ଝାଡ଼ଖଣ୍ଡ |
| ୯ | ସାଧାରଣ ସମ୍ପାଦକ | ଦେବାଶିଷ ବସୁ ରାଏ ଚୌଧୁରୀ | ୟୁନାଇଟେଡ଼ ବ୍ୟାଙ୍କ | ପଶ୍ଚିମ ବଙ୍ଗ |
| ୧୦ | ସମ୍ପାଦକ | କେ. କ୍ରିଷ୍ଣନ୍ | ଇଣ୍ଡିଆନ ବ୍ୟାଙ୍କ | ତାମିଲ ନାଡୁ |
| ୧୧ | ସମ୍ପାଦକ | ବିଜୟ ଆରସ୍କର | କାନାରା ବ୍ୟାଙ୍କ | ମହାରଷ୍ଟ୍ର |
| ୧୨ | ଯୁଗ୍ମ ସମ୍ପାଦକ | ଏସ ଏସ ଅନିଲ | କାନାରା ବ୍ୟାଙ୍କ | କେରଳ |
| ୧୩ | ଯୁଗ୍ମ ସମ୍ପାଦକ | ସି ରାଜୀବନ୍ | କେରଳ ଗ୍ରାମୀଣ ବ୍ୟାଙ୍କ | କେରଳ |
| ୧୪ | ଯୁଗ୍ମ ସମ୍ପାଦକ | ଚିରଞ୍ଜିତ ଘୋଷ | ଇଣ୍ଡିଆନ ବ୍ୟାଙ୍କ | ପଶ୍ଚିମ ବଙ୍ଗ |
| ୧୫ | ଯୁଗ୍ମ ସମ୍ପାଦକ | ପ୍ରକାଶ ରାଏ | ୟୁକୋ ବ୍ୟାଙ୍କ | ଓଡିଶା |
| ୧୬ | ଯୁଗ୍ମ ସମ୍ପାଦକ | ଜି ଏନ ପାରିକ୍ଷ | ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ | ରାଜସ୍ଥାନ |
| ୧୭ | ଯୁଗ୍ମ ସମ୍ପାଦକ | ସି ପି କ୍ରିଷ୍ଣନ୍ | ଦେନା ବ୍ୟାଙ୍କ | ତାମିଲନାଡୁ |
| ୧୮ | ଯୁଗ୍ମ ସମ୍ପାଦକ | ଆର ଅଜୟ କୁମାର | ୟୁନିୟନ ବ୍ୟାଙ୍କ | ଆନ୍ଧ୍ରପ୍ରଦେଶ |
| ୧୯ | କୋଷାଧକ୍ଷ | ଅନିମେଶ ସୁର | ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ | ପଶ୍ଚିମ ବଙ୍ଗ |

**ସାଥିମାନଙ୍କ ଅବସର :** ଗତ ଜାନୁୟାରୀ ମାସରେ ଆମ ବ୍ୟାଙ୍କରୁ ନିମ୍ନୋକ୍ତ ୩ ଜଣ ସାଥି ଚାକିରିରୁ ଅବସର ନେଇଛନ୍ତି । ଆମ ରାଜ୍ୟ ସଂଗଠନ ତରଫରୁ ସାଥିମାନଙ୍କ ସୁସ୍ଥ ଓ ନିରୋଗମୟ ଜୀବନର କାମନା କରୁଛୁ ।

| କ୍ର ନଂ | ସାଥିଙ୍କ ନାମ | ପଦବୀ | ଶାଖା |
|---|---|---|---|
| ୧ | ଘନଶ୍ୟାମ ଧୁରୁଆ | H /C –II | ବ୍ରଜରାଜନଗର |
| ୨ | ସ୍ମୃତିକାନ୍ତ ଘୋଷ | SWO –B | କଟକ ମୁଖ୍ୟ |
| ୩ | ମିର୍ଜା ଇନସୁର ବେଗ୍ | CARETAKER | ଷ୍ଟାଫ ଟ୍ରେନିଂ ସେଣ୍ଟର ଭୁବନେଶ୍ୱର |

**ନୂତନ ସାଥିଙ୍କ ଯୋଗଦାନ:** ସାଥି ଶମ୍ଭୁନାଥ ଦାସ ଦକ୍ଷିଣ ମୁମ୍ବାଇ ରିଜିଓନରୁ ନିଜ ଅନୁରୋଧ ବଦଳି ମାଧ୍ୟମରେ ବଦଳି ହୋଇ ଆସି ଛତ୍ରପୁର ଶାଖାରେ ୨୯.୦୧.୨୦୧୯ ତାରିଖରେ SWO-A ଭାବେ ଯୋଗଦେଇଛନ୍ତି । ସେ ମଧ ଆମ ରାଜ୍ୟ ସଂଗଠନରେ ସଭ୍ୟ ଭାବେ ଯୋଗ ଦେଇଛନ୍ତି ରାଜ୍ୟ ସଙ୍ଗଠନ ତାଙ୍କୁ ହାର୍ଦ୍ଦିକ ସ୍ୱାଗତ ଜଣାଉଛି।

**ଡି ମା ଟ ଏକାଉଣ୍ଟ ଖୋଲିବା ନାହିଁ କି ସେୟାର କିଣିବା ନାହିଁ ।**

**ଜାତୀୟକରଣ ବ୍ୟାଙ୍କ କୁ ଘରୋଇ କରଣ ହେବାକୁ ଦେବା ନାହିଁ।**

*ଅଜୟ କୁମାର ମହାନ୍ତି*

ସାଧାରଣ ସମ୍ପାଦକ